

# ସ୍ମୃତି—ଅର୍ଘ୍ୟ

ନଂ 113
20.FEB.1959

ଲେଖକ—ରାମକୃଷ୍ଣ ମହାନ୍ତି

Presented to P.U.S. by ...
on 20/2/59

ଏକ ଟଙ୍କା

ପ୍ରକାଶକ

ଶ୍ରୀରାମକୃଷ୍ଣ ମହାନ୍ତି

ଝାଙ୍ଗି

ପୁଣ୍ଡ

ପ୍ରଥମ ମୁଦ୍ରଣ

ଏକ ହଜାର

—୧୯୫୮—

ମୁଦ୍ରିତ ସ୍ଥାନ

ସିଟି ପ୍ରେସ

ଜାମସେଦପୁର

## — ପଦେ —

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନବାଗତ ହେଲେ ମଧ୍ୟ ରାମକୃଷ୍ଣ ବାବୁ ତାଙ୍କର ପ୍ରଣୀତ "ସ୍ମୃତି-ଅର୍ଘ୍ୟ ପୁସ୍ତକରେ କବି—ପ୍ରତିଭାର ଯଥେଷ୍ଟ ପରିଚୟ ଦେଇଛନ୍ତି । କବିତା ଗୁଡିକ ଅନୁଭୂତିମୟ ଏବଂ ପ୍ରାଣସ୍ପର୍ଶୀ । ଭାବ ଓ ଭାଷା ଉଭୟେ ସ୍ୱଚ୍ଛ ଓ ସରଳ । ଲେଖିବାର ଅଭ୍ୟାସ ରଖିଲେ ଏବଂ ଶ୍ରମିକ ଜୀବନରେ ଅଭାବ, ଅନାଟନ ଓ ଅସୁବିଧା ଭିତରେ ତାଙ୍କ କବିତ୍ୱ ବିକାଶ ଲାଗି ସୁଯୋଗ ଓ ସୁବିଧା ମିଳିଲେ ରାମକୃଷ୍ଣ ବାବୁ ଯେ ଅଦୂର ଭବିଷ୍ୟତ୍‌ରେ ଜଣେ ସ୍ୱନାମଧନ୍ୟ କବି ରୂପେ ପାଠକ ସମାଜରେ ସମାଦୃତ ହେବେ, ସନ୍ଦେହ ନାହିଁ । ବିଧାତା କରନ୍ତୁ, ତାଙ୍କ ତରୁଣ କବି ଜୀବନର ସ୍ୱପ୍ନ ସଫଳ ହେଉ । ଇତି ।

୨୬-୬-୧୯୭୫
ଜାମସେଦ୍‌ପୁର
ତା୨୭।୬।୭୫

ଲକ୍ଷ୍ମୀଧର ନାୟକ

# କୃତଜ୍ଞତା ଜ୍ଞାପନ

ଯେଉଁ ବୃହତ ବନ୍ଧୁବ୍ରମାନଙ୍କର ଶୁଭେଚ୍ଛା ସାହାଯ୍ୟ ଓ ସହାନୁଭୂତି ପାଇ ମୋର କବିଜୀବନର ପ୍ରଥମ ଉନ୍ମେଷ, ଓ ସୁପରିଚିତ ସାହିତ୍ୟିକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ବାବୁଙ୍କର ଉତ୍ସାହ ଯୋଗୁଁ ଆଜି ଏ ବହିଟି ପ୍ରକାଶ କରିବା ପାଇଁ ଯେଉଁ ଅକ୍ଳାନ୍ତ ପରିଶ୍ରମ ଓ ଅସୀମ ଧୈର୍ଯ୍ୟର ପରିଚୟ ଦେଇଛନ୍ତି ତାହା ଭାଷାତୀତ । ସେ ମହାଶୟଙ୍କର ମହାନ୍ ପ୍ରେରଣା ହତଭାଗ୍ୟକୁ ଯେଉଁ ନବୀନ ପଥର ସନ୍ଧାନ ଦେଇଛି ତାହା ସେପରି ଚିରସ୍ମରଣୀୟ । ଆଜି ସେଇ ସାଙ୍ଗ ସାଥୀ ଓ ଶ୍ରୀଯୁକ୍ତ ଲକ୍ଷ୍ମୀଧର ବାବୁଙ୍କ ନିକଟରେ ଅନନ୍ତରର ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ବିନୀତ
ଲେଖକ
ଯାମସେଦପୁର
ତା ୧୯-୬-୪୮

# ସ୍ମୃତି ଅର୍ଘ୍ୟ

---

ହାୟରେ ! ନିଠୁର କାଳ
ବିଚ୍ଛେଦ ଭିଆଇ ଶାନ୍ତ ହେଲୁନି ରଖିଲୁ ଚିତାନଳ,
ରକତ-ଗୋଲାପି-ଅଧର ନିରେଖି
ଆସିଲା ନାହିଁ କି ତୃପ୍ତି ।

ଉଚ୍ଛୁଳା ଆନନ୍ଦ ମନ ଖୋଲି ହସେ
ମିଳିଲା ନାହିଁ କି ଶାନ୍ତି ?

ଯଉବନ-ରୂପ-ଶତଦଳ ତେଜ
ପାରିଲୁ ନାହିଁ କି ସହି ?

ସ୍ୱଚ୍ଛ-ଚପଳାଙ୍ଗୀ-ଚପଳ-ଗୃହସ୍ଥୀ
କି ମନ୍ତ୍ରରେ ବନ୍ଧି ବାଇ ?

ନେଲୁ ଟାଣି ନିଜ କୋଳେ,
ମରତ-ସରଳ-ଜୀବନ-ସାଥିକି ! ମରଣ-କୃପାଣ-ଧାରେ,

ମର୍ତ୍ତ୍ୟ ଧୂଳିଘର ଭାଙ୍ଗି ସେ ଯାଇଛନ୍ତି
ମରନାହିଁ ମରନାହିଁ ;
ତା ମହାନ ଦାନ-ପୂତ "ସ୍ମୃତି ଅର୍ଘ୍ୟ"
ରହିଛନ୍ତି ଅମର ହୋଇ
ହାୟରେ ! ନିଠୁର କାଳ
ବିଚ୍ଛେଦ ମିଳନ
କିଆଁ ତେବେ ଆଉ ?
ଯଦି ସବୁ ହଳାହଳ ।

# ସ୍ମୃତି ତୀର

୧

ଚକ୍ରସ୍ତକ !

ମଉଳଇ କିପାଁ ? ତରୁଣୀ କନକ-କାନ୍ତି
ଦିବାଶେଷେ ଯେସ୍ନେ, ଅମା ଅନ୍ଧକାର ରାତ୍ରି,
ଘୋଟିଆସେ, ନାଶି, ଶୁଭ୍ରାଲୋକ ଗୋଧୂଳିର
ରାହୁ ଯେସ୍ନେ ନାଶେ, କଳାନିଧି ଜ୍ୟୋତ୍ସ୍ନା-ହର ।

ଚନ୍ଦ୍ର-ଆନନ ସୁଷମା
ଲୁଚି ଯାଏ କାହିଁ ? କେଉଁ ଅନ୍ତରାଳେ ?
ଆସଇ ଏକି କାଳିମା ।

ଉଦାସ, ଅବଶ, ତନ୍ଦ୍ରାତୁର ନେତ୍ର-ତାରା
ବେଦନା ବ୍ୟଥିତ, ଅଶ୍ରୁ-ଗରଳ ଭରା,
ନୀରବେ ଖୋଜଇ କେଉଁ ମହା ଚକ୍ରସ୍ତକ
ଦେଖି ନ ପାରିବ ତୁମେ କି ? ମରଣ ଡାକ ।

କର ତେବେ ଶୀଘ୍ର ତ୍ୟାଗ
ଏଇ ଝଟେ ହୁକା ଶେଷ ହୁଏ ପସ୍ତ
ଜୀବନର ମହାଯାଗ ।

ଦୁଇ ନୟନରୁ ବହୁ ଆସେ ଲୁହ ଧାର
ସେନେହ—ମମତା-କଲ୍ୟାଣ-କୁସୁମ ହାର,
ଦେବା ଲାଗି, ପ୍ରିୟ ସ୍ୱଜନ ସଙ୍ଗିନୀ ଗଣେ
ଶେଷ ଉପହାର; ସଜାଡ଼ୁଛନ୍ତି ଅନୁକ୍ଷଣେ ।

ଥମିଲା ଲେଖକ ଧାର
ସ୍ମୃତି-ତାଜ ରଚି ମାନସେ ରମଣୀ
ହୋଇଛନ୍ତି ସ୍ମୃତି ଅମର ।

# ସ୍ମୃତି ଶିଖା

ଲେଲିହାନ ଚିତାନଳ ଜଳି ଉଠେ
ଶିଖା ବିସ୍ତାରି
ନୀରବେ, ନିସ୍ପନ୍ଦ ସୁପ୍ତ କୋମଳାଙ୍ଗୀ
କନକ ଗୋରୀ ।
ଅତୁଳ, ଅମୂଲ ବନ୍ଧୁ, ପ୍ରିୟ, ସାଥୀ;
ଦୂର ବିଦେଶେ-
ଉଦଃମାୟୁ ଚୁର, ମୃତ୍ୟୁ ଅନ୍ତରାଳେ
ମତ୍ତା ଉଲ୍ଲାସେ ।
ଲୁଟିବାକୁ ବାଳା ଗୁଳିଗଲା ସଙ୍ଗେ
ଅଭିମାନିନୀ
ଶେଷ କରବାକୁ ମନାସିଲା କବା
ମାୟା—ସଗିଣୀ ।
ଜୀବନ-ବୀଣାର ଯୌବନ-ତାର
ଛିଣ୍ଡିଲା ଏବା,

ଜୀବନ ମରଣ ସଂଘର୍ଷେ ହାରିଲା
ଅବଲା ଜୀବ ।
ଚିର ନିଦ୍ରା ଦେବୀ ଶାନ୍ତି-ଭବନ
ସୁଖ ଲାଳସେ,
ତେଜି ମର୍ତ୍ତ୍ୟପୁର; ଚଳିଗଲା ଅଦ୍ୟ
ଫୁଲ୍ଲ-ମାନସେ ।
ଚିତାନଳ କୋଳେ ମର୍ତ୍ତ୍ୟ କଲୁଷ
କାଳିମା-ବୋଳ
ଲୋଭ, ମୋହ, ମାୟା, ଛନ୍ଦ କପଟ
କୁ—ଅହଂକାର ।
ସ୍ନେହ, ପ୍ରେମ, ଦୟା, ଧର୍ମ ମମତା
ସତ୍ୟ ଅଳୀକ
ସମସ୍ତ ବନ୍ଧନ ଭସ୍ମ କରିବାକୁ
ତନ୍ୱୀ ଉତ୍ସୁକ ।
ଏକାକୀ ଭୁଇଁରେ ଶୋଇଲା ମରଣେ
ସକଳ ତେଜି
ଚିତାନଳ ଜଳେ ଧୁଧୁ ଧୁଧୁ ହୋଇ
ଜୀବେ ଗରଜି ।

ସ୍ମୃତି-ଶିଖା ତାର ନୀଳିମା ଗଗନୁ—
ଗଗନାନ୍ତରେ
ବିଲୀନ ହୋଇଛି; ଭସ୍ମ ଅସ୍ଥି ମାତ୍ର
ଶ୍ମଶାନ ପରେ ।

## ସ୍ମୃତି ସାଥୀ

ମୁଖରିତ ହୋଇ ଆସେ ଦଗ୍-ବଧୂ-ଶାଳା
ଜାଗିଉଠେ ବହୁଣାଇ ମୂକ-ଜଡ଼ ଶିଳା
ଗୋଧୂଳିର ଲୋହିତ ସନ୍ଧ୍ୟାରେ
କାକଳି-ସିତାର ସ୍ୱନ, କମ୍ରକଣ୍ଠୁ ଉକ୍ତ କୋଳାହଳେ ।

( ୨ )

ଶୁହେଁ ଲତା, ପତ୍ର-ପୁଷ୍ପ-ଫଳ
ଶୁହେଁ ଦିଗଙ୍ଗନା
ପ୍ରକୃତି-ସୁନ୍ଦରୀ ହସେ ନିରେଖି ଏ
ବିଧି ବିଡ଼ମ୍ବନା !
ଏ ମାନବେ କରେ ଉପହାସ
ଭୁଲି ଆସ ଭ୍ରମ, ଏଥେ, ଛିନ୍ନ କର ଭବ-ମାୟା-ପାଶ
ଆସିଛି ସେ ନି[illegible]ଣେ ମୋର
ସତ୍ୟ ଶାନ୍ତି ମୁକ୍ତି-ମୁରେ ରଣିବାକୁ ପ୍ରେମ ଅଭିସାର

( ୩ )

ସୁ-ଶ୍ୟାମଳ ଏଇ ବନ ରାଜି
ଦିଗ୍‌ବଳୟୁ ଛୁଇ
ଗଗନ ଯା ଚୁମ୍ବିବାକୁ ବ୍ୟଗ୍ର;—
ଉନ୍ମତ୍ତ, ପାଗଳ
ସହଚର ସାୟଂତନ ଘନେ
ଆଷାଢ଼ର ପୀନ-ଶୁଭ୍ର-ଘନ-ଦାସ ପ୍ରେର ମୋ ଭବନେ
ଚପଳା-କନକ ହାର
ବଜ୍ର ନିର୍ଘୋଷ-ଦୁନ୍ଦୁଭି ମହାଭୟଙ୍କର ।

( ୪ )

ଯା ସକଳ ପ୍ରଲୋଭନ, ଦାହାଦୂରୀ, କରୁଣ ମିନତି
ମର୍ତ୍ତ୍ୟରେ ମାନବ ପାଶେ ଯାହା ଶୁଷ୍କ ବେଦନା ଆରତି
ସେ ସକଳ କରି ପ୍ରତ୍ୟାଖ୍ୟାତ
ତୁମାନେ ରହନ୍ତି ବସି, ଦେଖିବାକୁ ଭବ-ମାୟା-ନୃତ୍ୟ
ସ୍ମୃତି-ପୁର ବିରଚି ଗୋପନେ
ରହୁଛ ଅନନ୍ତ କାଳୁ; ସ୍ରଷ୍ଟାର ଏ ସୃଷ୍ଟିର ବିଧାନେ

( ୫ )

ଅମାୟିକ ଅନୁରୋଧ କର ଚିର ଶାନ୍ତି
ମୋହ-ଆକର୍ଷଣ

ପାରିଲନି ରକ୍ଷିତାରେ ଦୁନିଆର
ଝେଲାଙ୍କ ବନ୍ଧନ ।
କରିଦେଇ ଶତ ଛିନ୍ନ ଭଗ୍ନ
ଆସିଛନ୍ତି ସେ ସିଦ୍ଧ ଆଜି କାହିଁ ? ବୃଥା ତବ ବିକଳ କ୍ରନ୍ଦନ ।

(୬)

ଯାଅ ଫେର ଲିଭିଲଣି ଚିତା
କର୍ମ-କ୍ଳାନ୍ତ-ଶ୍ରମ-ଜୀବି, ନୀଡ଼େ ପକ୍ଷୀ ଗୋପାଳ ଦୁହିତା
ଫେରିଲେଣି ନିଜ ନିଜ ପୁରେ,, ଗୋଧୂଳିର
ଛାୟା ଯାଏ ଗୁଳି
ଦଶିଲଣି ସୌଧ-ପୁରେ ବୈଦ୍ୟୁତିକ
ଆଲୋକ ଉଜ୍ଜଳ ।
ସନ୍ଧ୍ୟା-ଦୀପ ଜଳିଲଣି ଧୀରେ
ଉଦ୍‌ଭ୍ରାନ୍ତ ମାନବ !!!
ସ୍ମୃତି ସାଥୀ କରି,
ଫେରିଯାଅ; ବିଶ୍ୱ କ୍ରୀଡ଼ାଗାରେ ।

# ଫେରିନ ସେଇ ପଥେ

ଅଧୀର ନ ହୁଅ
ଅକୁଳେ ଜନନୀ !
ଭାବି ସେ ଅତୀତ
ଗୁରୁ ଯାତନା

ଜନ୍ମ-ମୃତ୍ୟୁ-ଲୀଳା
ଲୀଳାମୟଙ୍କର
ଲୀଳା ପାଇଁ
ହୋଇଅଛି ସର୍ଜନ

ଅହର୍ନିଶି କେତେ
ପ୍ରବସୀ ବଧୂର
ବଦନୁ ଲିଭୁଛି
ସିନ୍ଦୁର ଗାର

କାହିଁ ବା ଜନନୀ,
ମୃତ ପୁତ୍ର ବୟେ
କାନ୍ଦୁଛନ୍ତି, ଝରାଇ—
ନୟନୁ ନୀର ।
କାହିଁ ବା ଜନକ
ବାର୍ଦ୍ଧକ୍ୟ ବୟସେ
ଶୋକ-ତୀକ୍ଷ୍ଣ ଛୁରୀ
ବୁକେ ଚଳାଇ
ଏ ମାୟା-ସଂସାରୁ
ଯାଉଛନ୍ତି, ତନୟ
ଏତେ ବଡ଼ ସ୍ନେହ
ତୁଟାଇ ଦେଇ ।
କାହିଁ ବା ମାନବ
ସମ୍ପତ୍ତି ମୋହରେ
ଉଗ୍ରତ ବିଷ
ପିଆଉଛି ଭାଇ
ପ୍ରାଣର ଭାଇକୁ
ମାରୁଛି, ଗୋପନେ
ଭବିଷ୍ୟତ ପଥ
ଚିନ୍ତା ନ କରି ।

ଏକଥର ମାତ୍ର
ଛୋଟ ମୁହୂର୍ତ୍ତରେ
ଜଗିଛୁ, ଜୀବନ
ମରଣ ପାଖ
କେହୁ ତା ବେଦନା
ବୁଝେନା, ଜନନୀ!
ଘୁଞ୍ଚାଏ ନା କେବେ
ତା ଦୁଃଖ-ଭାର
ତେବେ ଗୋ ଜନନୀ!
ଅକୁଳ କପାଁଇ ?
ଚିର ନୁହେ କେବେ
ମର ଶରୀର
ଏ ସାରା ଜଗତ
ଅଟେ ମାନବର
ନିମିଷେକ-ପାଇଁ
କ୍ରୀଡ଼ା ଆଗାର
ନିମିଷକ ପାଇଁ
ଏ ସବୁ ଛଳନା
ନିମିଷକ-ପାଇଁ
ଏ ମାୟା ମୋହ

ନିମିଷକ ପାଇଁ
ଉଠିଆସେ ସିନା
ଅସହ୍ୟ ଶୋକରେ
ଅକୂଳ କୋହ ।
ତଥାପି ବୁଝନା
କିଆଁ ଗୋ ଜନନୀ
ଅନ୍ତରଟା ତବ
କି ରୂପେ ଗଢ଼ା
ଭାବି ମୁଁ ନପାରେ
ଅଧମ ସନ୍ତାନ
ପିତୃ ଭ୍ରାତୃ, ସୁଖ-
ସରବସ୍ୱ ।
କି ସ୍ୱର୍ଗୀୟ-ସୁଧା
ସାଗର, ଅନ୍ତରେ
ଉଚ୍ଛ୍ୱସି; କରୁଣା
ଊର୍ମି ଖେଳାଇ
ବିଧ୍ୱସ୍ତପ୍ରାଣର
କି ଅଜଣା ଶକ୍ତି
ଯୋଗାଏ ନିଭୃତ,
ବୁଝିଚି ଜାଣେ ।

ଯେ ଯାଉଛନ୍ତି ଚାଲି
ଆସିବେକି ଫେରି ?
ଦିଅ ତାର ସ୍ମୃତି
ପୋଛି ଅନ୍ତରୁ ।
ଆମେ ବି ଚାଲିବା
ଦିନେ ସେଇ ପଥେ
ଭୁଲିଆଇ ଏଇ
ମାୟା ଝଞ୍ଜାଳୁ ।

# ସ୍ମୃତି

---

ଭୁଲିଛ ସତେ ବନ୍ଧୁ !
କହନା ପ୍ରାଣ ଖୋଲି ଜୀବନେ
ବିଚ୍ଛେଦ ଏ ଅଗଣ
ଅଣିଲ କାହୁଁ ଦୁଃଖ ଦୁର୍ଦ୍ଦିନେ ।
ମମତା-ମଳୟର
କୋମଳ କଣ୍ଠସ୍ୱର
ନିସ୍ତବ୍ଧ କାଲ ସବି ସ୍ୱପନେ
ଶୁଣିବି ନାହିଁ ସଖା
ଭେଟେ କି ନାହିଁ ଦେଖା
କେତେକ ଅନ୍ୱେଷଣ ନୟନେ ।

ଅକୂଳ-ବୀଣାତାର
ସୁଦନ ଅତୀତର
ସ୍ଫୁରିତ ଗାନ କରେ ନିଜନେ
ନୀରବେ ଶୁଣେ ନିତି
କରୁଣ କ୍ଳିଷ୍ଟ ଗୀତି
ପାଥେୟ ସ୍ନେହ ମୋର କଟଣେ ।

ବଚ୍ଛେଦ-ଝଡ଼ପରେ
ମିଳନ-ମଧୁରରେ
କା ଲଗି ? କାହିଁ ପାଇଁ ? ଗୋପନେ
ଶାରଦ-ଶଶୀ ହସେ
ନିର୍ମଳ ପ୍ରେମ ରସେ
ଦିଶିଲା ଭଙ୍ଗା ହୃଦ-ଗଗନେ ।

ନ ହେଲ ଯେବେ ସଖା
ଚିର ସେନେହ ରକ୍ଷା
ଦୀର୍ଘ ବିଚ୍ଛେଦ ସହ ମିଳନେ
କି ଲାଭ କହ ତହିଁ
ବିଚ୍ଛେଦ-ବ୍ୟଥା ସହି
କ୍ଳେଶ-ଶଙ୍କିତ କର ଶଯନେ ।

ଯାଉ ସେ ଜଳି ଯାଉ
ସ୍ମୃତର ପ୍ରେତ ହୋଇ
                    ଅତୀତ ଉଡ଼ି ଯାଉ ପବନେ
ବିଷାଦ ବର୍ତ୍ତମାନ
ଭବିଷ୍ୟ ଅବସନ୍ନ
                    ସ୍ମୃତ ବିସ୍ମୃତ ହେବ କେସନେ

---

# ଆଉ ସେ ଆସିବ ନାହିଁ ।

ଆଉ ସେ ଆସିବ ନାହିଁ

ସଜଳ ନୟନ ଗୁମାନେ ମଗନ
ଅଭିରକ୍ଷା ଗୃଦ୍ଧ ହୋଇ ।
ଛଳନା-ଛନକା-ସୌଦାମିନୀ ଛବି
କନକ-ବଦନ-ଘନେ
ହସିବନି ଆଉ, ପ୍ରଚଣ୍ଡ ନିଦାଘ—
ଭର ଏ ସାର ଜୀବନେ ।
ବାସୀ କଦମ୍ବର ବାସ ମନୋହର
ଚପଳା ଗୃହାଣୀ ଛଇ
ମୃଦୁ ଲୁଳାୟିତ ଗତି ତରୁଣୀର
ଯାଇଛୁ ପାଉଁଶ ହୋଇ ।

## ଆଉ ସେ ଆସିବ ନାହିଁ

ସଜଳ ନୟନ ଫେଦା ଅଖିପତା, ଆଡ଼ଲଷା ଗୁନ୍ଦ ହୋଇ ।
ସଲଜ୍ଜ ସଙ୍କୋଚ ଛନ୍ଦା ଛନ୍ଦିଲି
ଘୁତର ଦମଛା ଶ୍ୱାସ
ଅଁସିବନି ଦୂରୁ, ଲଗିବନି ପ୍ରାଣେ
ସେ ଉନ୍ମାଦ ସୁ-ପରଶ ।
ସରସତା ତହିଁ ନାହିଁ

ଆବେଗ ଅକୁଳ
ପୁଲକ ଶୀତଳ
ସୁରଭିତ ସେ ମଳୟ
ଚିର ନିଦାଘର
ତାପ ଝଞ୍ଜା ରୂପେ
ଆସିଛି ହୋଇ ଅଥୟ ।
ଯାର ଜୀବନର ବ୍ୟଥିତ ବିକଳ
ଜୀବନ୍ତ-ମୂର୍ତ୍ତିମୟୀ ।
ଆଉ ସେ ଆସିବ ନାହିଁ
ଜଳ ବଉଦର ଜଳରୂପ ମାଖି
ଆଡ଼ଲଷା ଗୁନ୍ଦ ହୋଇ

—୪୦୪—

# କେ ଦେଲା ?

କେ' ଦେଲା ? ଲେଖନୀ ମୁନେ ଅପୂର୍ବ ମାଧୁରୀ
କେ' ଦେଲା ? ଅନ୍ତରେ, ପ୍ରେମ ଅନୁରାଗ ଭରି ।
କେ' ଦେଲା ? ଏ ଜୀବନରେ ଗର୍ବ-ଅରୁଣିମା
କେ' ଦେଲା ? ତରୁଣ ପ୍ରାଣେ ତାରୁଣ୍ୟ ମହିମା ।
କେ' ଦେଲା ? ସ୍ୱର୍ଗୀୟ-ସୁଧା ପ୍ରେମ-ରସ ଢାଳି
କେ' ଦେଲା ? ଦୁର୍ବାର-ସ୍ପୃହା-ଦୀପ ଧୀରେ ଜାଳି ।
କେ' ଦେଲା ? ଜୀବନେ, ପ୍ରେମ ସଙ୍ଗୀତ ମୂର୍ଚ୍ଛନା
କେ' ଦେଲା ? ମାନସ ପଟେ, ଅସୀମ ବାସନା ;
କେ' ଦେଲା ? ନୟନେ ରୂପ-ଅଞ୍ଜନ ଲିଲେପି
କେ' ଦେଲା ? ଯୌବନେ ସ୍ନେହ-ପ୍ରୀତି ଦୀପ୍ତି ଅର୍ପି ।
କେ' ଦେଲା ? କରୁଣା-ଝର ଜୀବନ-ମରୁରେ
କେ' ଦେଲା ? ଶୀତଳ ସ୍ନେହ, ଆକୁଳ ଅଧୀରେ ।

ବିମ୍ବ ଅଧରର ଆରକ୍ତ ମାଧୁରୀ
ଗୌରବ ମହିମା ଯଶ
ଦୋଷ୍ଟ ନେଇ ତହିଁ, ଲଗାଅ ଯୌବନ!
ଅମା-ତମିରର ସ୍ପର୍ଶ
କଣ୍ଠେ ଦଅ ରୁଗ୍ଣ ମୁମୂର୍ଷ ଜନର
ଅସ୍ପଷ୍ଟ କ୍ଷୀଣ ଶ୍ୱାସ
ବକ୍ଷ ଚିରି ରଖ ଦୁଃଖ-ତାପ-କଷ୍ଟ
ଲାଞ୍ଛନା, ଗଞ୍ଜା, ତ୍ରାସ
ଲୋକନୀୟ ସିନା ଯୌବନ ତୁମେ
ଅନୂଢ଼ା ତରୁଣୀ ପୁରେ
ପ୍ରଲୋଭନ ଅଗ୍ନି ମାନବ ନୟନେ
ଜଳାଅ ସଂଜ ସକାଳେ
ସଂଜ ବତୀ ତୁମେ—ତରୁଣୀ ପତଙ୍ଗ
ସମାଜ ତା ମୃତ୍ୟୁ ଶାଳା
ନିର୍ଦ୍ଦୋଷ ତୁମେ—ତରୁଣୀ ବନ୍ଦିନୀ
ସମାଜ ନିର୍ମମ କାରା
ବନେ ବନେ ତୁମେ—ତରୁଣୀ କୁସୁମ
ସମାଜ ତା କାଳ କୀଟ

ଯାଯାବର ତୁମେ—ତରୁଣୀ ତରଙ୍ଗ
ସମାଜ ବେଳା-କରାଳ ।
ବିହାୟସ ତୁମେ ତରୁଣୀ ଚନ୍ଦ୍ରମା
ସମାଜ ତା ଦୁଷ୍ଟ ରାହୁ
ତରୁଣୀ ଉଜ୍ଜ୍ୱଳ—ଦୀପାଲୋକ ଶିଖା
ସମାଜ ତା ଝଂଜା ବାୟୁ ।
ସହିବ କେସନେ ଏତେ ଅତ୍ୟାଚାର
ପୀଡ଼ନ ପେଷଣ ଜ୍ୱାଳା
ସମାଜ, ଆତ୍ମୀୟ ଜନ, ଅପବାଦ
ପ୍ରଣୟ ଉନ୍ମାଦ ଲୀଳା
ଅନ୍ଧାରି ମୂଲକୁ ଯୌବନ ଫେରେ
ଅଦିନରେ ଜରା ଆସ
ସରଳ କୁମାରୀ ମଞ୍ଜୁ-ତନୁ-ଲେଚ
ଅଚିରତ କର ଗ୍ରାସ ।

—o—

# ସ୍ମୃତି ସ୍ମାରକ

—o—

ଅତୀତର ସେ' ପାଉଁଶ ଗଦା,
ଅଙ୍ଗାର ଲୁଚି ରହିଛି ଯହିଁ
ଦେଖିରେ ଦେଖି, ସ୍ମୃତି ସ୍ମାରକ
ଅଗ୍ନିକଣା ଅଛିକି ତହିଁ ?
ଅତୀତର ସେ' ବାଲ୍ୟ କ୍ରୀଡ଼ା
କିଶୋରୀ ସାଥିରେ ବାଲିଖେଳ
ଅଛିକି ତହିଁ ? ଭଗ୍ନାବଶେଷ
ବାଲି ନିର୍ମିତ ବାଲି ଘର ।
ଅତୀତର ସେ' ଯୋଛନା ତଳେ
ନୀରବେ ବସି ସଙ୍ଗ ବିହୀନ
ଉଠିଲା ପ୍ରାଣେ ଉଙ୍କାଣି ଶତ
ଛୁଦ୍ରାନନ୍ଦ ନବୀନ ସ୍ୱପ୍ନ ।

ଅଶ୍ରୁକ ତହୁଁ, ଆଭାସ ତାର
ଦେଖିବ ଥରେ, ଜ୍ୟୋତ୍ସ୍ନାସ୍ରୋତରେ
ମୁକତ ବାଣୀ ପ୍ରେମ-କାହାଣୀ
କହେକି କେହୁ କରୁଣ ସ୍ୱରେ !

ଗୁହ କି ଘନ-ଅଞ୍ଚଳ ଟାଣି
ଲୁଚଇ ଆଜ ସରମଭରେ
ତାରକା ସଖି ଏକୁ ଆରେକେ
ରହେ କି ଗୁହ୍ନିଁ? ସଙ୍କେତ ଛଳେ

ଅତୀତର ଯେ ପହିଲି ସଂଗ
ପୁଲକ ଛୁଆଁ ପରଶ ତଳେ
ଶିଥିଳ ରକ୍ତ ଚଞ୍ଚଳ-ସ୍ୱଗ
ଦୋଲଚେ' ନାହ୍ନୁ ପ୍ରଣୟ ଭୋଳେ ।

ଦେଖିନା ଅଙ୍ଗ ପଞ୍ଜରା ଖୋଲି
ତରୁଣ ହିଆ ମରମ ତଳେ
ଅଶ୍ରୁକ ତହୁଁ ଅବେଗ ବେଗ
ସିଂହ ବିକ୍ରମ ଶୋଣିତ ଧାରେ,

ଅତୀତର ଯେ' ଗୋପନ ଭାଷା
ତରୁଣୀ କୁହୁକ କଣ୍ଠ ବାଣୀ

ଶୁଣିକି ଅଜ ? "ଏ କଅଣ"
"ଦୁଷ୍ଟ ତୁମେ" "ଦଅ ମେଲଣି" ।
ଅତୀତର ଯେ ସରସୀ ତୀରେ
ସଦ୍ୟସ୍ନାତା ତରୁଣୀ ସଖୀ
ନୀର-ମୁକୁର ତରଙ୍ଗ ତଳେ
ରୂପ ଗୌରବ-ଗରିମା ଠାଣି ।
ପ୍ରତିମା ଛାୟା, ଅଙ୍କିଥିଲ ବସି;
ଅଛି କି ଆଜି ? ଦେଖନା' ଥରେ
ସଂକୋଚରେ, ଉଠେଯୁ କଂଠେକି ତାର
ମୁକୁଳା ବେଣୀ ମୃଦୁଳ ଦୋଳେ
ଅତୀତର ଯେ ସ୍ମୃତି ହାସ୍ୟ
ମିଳିତ ଭଗ୍ନ କମ ଭ୍ରୂଲତା
କଜଳ-ଧୂଆ ନୟନ ବାରି
ପ୍ରଣୟ-ଭୂଷା-ଅଶ୍ରୁ-ମୁକ୍ତା ।
ଲଲାଟ ସ୍ବେଦ-ଚନ୍ଦନ ଫୋଟି
ଅଛି କି ? ଶୂନ୍ୟ ଅନନ୍ତ ଦୂରେ
ସ୍ବପନ ଛାୟା ରଜନୀ କୋଳେ
ନିରେଖି, କେଉଁ ଲଭ ତନ୍ଦ୍ରାରେ

ନାହିଁରେ କିଛି ଜୀବନ୍ତ ମୂର୍ତ୍ତି
ତରୁଣୀ ରଣୀ ନାହିଁରେ ନାହିଁ ।
ଅଛି କେବଳ ସାମ୍ୟ ପ୍ରାନ୍ତର—
ଶ୍ମଶାନ, ତୁମେ ଭସ୍ମ ହୋଇ ।

# ସଟଉଣୀ

—○—

ବରୁଣାଭ ଗିର ପ୍ରକୃତ କାଲୀ
ଡାକେ, ଭୁଷାଭ
ଶୁଣି ରତ୍ନମାଳା, ପ୍ରିୟ ସହଚରୀ
ପରାଣ ସହୁ ।
ଅନୁପମ ଛବି ନିରେଖି ଯା କବି—
ପାଗଳ ହୁଏ
ଚିଲ୍କା ସୁନ୍ଦରୀ ଲହରୀ ଡୋଳ
ଯା ଗୀତ ଗାଏ ।
"ରତ୍ନମାଳା" ଦାନ ଜନ କିଂବଦନ୍ତୀ
ବଣିକ ସ୍ମୃତି
ଅଛି ନା ଲୋ ! ମନେ, ପ୍ରଳୟ ଝଟିକା
ବରଷା ରାତି ।

ସେଠି ଥିଲା ଯେବେ ମହାଭୟଙ୍କର
ମୂରଛ ଧର ।
ଚିଲିକା ବକ୍ଷେ, ଉର୍ମି ପ୍ଲାବନ
ବେଗ ସଞ୍ଚର ।
କାତ କି, ଆକୁଳ, କମାନାଲ କଣ୍ଠ
ପ୍ରଳୟ ସ୍ରୋତ
ତୋଫାନ, ବତାସ ରଚେ ଭୈରବ—
ତାଣ୍ଡବ ନୃତ୍ୟ ।
ତମ୍ବି ଫଟେଉ ଉଠେ ଘନ ଅନ୍ଧାର
ବଜ୍ର ବାଦଲ
ନାବିକ ପରାଣେ ଜାକିଦିଏ ଶତ—
ମୃତ୍ୟୁ—ମଶାଲ
ମରଣ ବରଣ କରିବା ଆଗରୁ
ନାବିକ ଦଳ
ଧନୀଙ୍କ ଦଣ୍ଡିକେ ଭାଷିଲେ—ଅଡୁରେ
କରୁଣା କର ।
ଏଇ ଦଳେ ଦୂର ପାହାଡ ଶିଖର—
ଶିଆଳ ଭୁକେ

ଯହିଁ ଶାନ୍ତ ଶୀତଳ ମୁକ୍ତ—ନିର୍ଝର
  ସୁ-ଶାନ୍ତ ସ୍ୱନେ ।
ଘନ-ଘଷ୍ଟ-ବୃକ୍ଷ ଶ୍ୟାମଳ ପତ୍ର
  ଗୃଦୁଅ ଝାଣେ
ପୁଷ୍ପହାର ରଚି ବନ-ଲତିକା—
  ଲଳନା ଗଣେ ।
ସମୀର-ପ୍ରବୋଧା ଝିଣୀ-ପ୍ରବର
  ପ୍ରସନ୍ନା-ମତ
ଯୋଗ୍ୟ ପୂଜକର ପୂଜା-ଡାଲି ପୁଟସ୍ତ
  ଭବ ଦଅନ୍ତ ।
ମଧୁର କାକଳି-ଗଙ୍ଗ୍ ସ୍ୱନ ଶୁଭେ
  ଯହିଁ ନିରତ
ମର୍ମର-ମୂର୍ଚ୍ଛନା-ମୁରଲୀ ଉଚ୍ଛ୍ୱାସ
  ବଡ଼ ଅଦ୍ଭୁତ ।
ଜନ କୋଳାହଳ, ପଲ୍ଲୀପୁର ତେଜି
  ଚିଜନ-ବାଳା
ଅପାର ଅହ୍ଲାଦେ, ନବ ନବ ବେଶେ
  ଭ୍ରମେ ଚଞ୍ଚଳା ।

ବନ ପଶୁ ନିତ ଯା ପଦ୍ମ ପତ୍ରର
ଅବତ ଭରେ
ବନ୍ଦିବାକୁ ଦୂରୁ ଦଉଡ଼ି ଆସନ୍ତି
ପୂତ ଅନ୍ତରେ ।
ସେ ଗିରି-ଶିଖର-ସ୍ୱରଗ ଭୁବନ—
ନନ୍ଦନ ବନେ
ବିରାଜନ୍ତି ଏକ ଦେବୀ, ବହୁ କାଳୁ
ଗିରି-ପାଷାଣେ
କର ସର୍ବେ ଧ୍ୟାନ ଏ ଘୋର ସଂକଟୁ
ମିଳିବ ସାହା
ଦୈବୀ ଶକ୍ତି ଆଗେ ଅନ୍ୟ ଉପାୟ
କେ ପାରେ ଦେଇ
ମନେ ମନାସିଲି ଧନାଢ୍ୟ ବଣିକ
"ରତନ ମାଳା"
ଅର୍ପିବି ଅଚିରେ; ପାରିକର ମାତଃ
ବୁଡ଼ିବା ବେଳା ।
ଥମିଲା ବତାସ-ଗର୍ଜନ କୁହାଟ
ବରଷା ଧାର

ନୀଳ ଗଗନରୁ ଅପସର ଗଲ
ବଉଦ ମାଳା ।
ସେ ଦଣ୍ଡୁ ସହୃଦେ ! ପଞ୍ଚଶତା ଛନ୍ଦ
ସ୍ନେହ ବନ୍ଧନେ
ଆଜି ହେଲୁ କିନ୍ତୁ ସପତଣି ଛନ୍ଦ
ପ୍ରୀତ ବନ୍ଧନେ ।
ତୋ କୋଳେ ବାଢ଼ିଲା ସୁକୁମାରୀ ଅଙ୍ଗ
ଲାବଣ୍ୟ-ପ୍ରଭା
ତୋ କୋଳେ ରଚିଲା ଘନ କୁନ୍ତଳର
ଚିକଣ ଶୋଭା ।
ତୋ କୋଳେ ହସିଲା, ଖେଳିଲା ଷୋଡ଼ଶୀ
ଗାଇଲା ଗୀତ
ତୋ କୋଳେ ଜାଳିଲା ଯଉବନୀ ପ୍ରାଣେ
ପ୍ରେମ-ଆରତ ।
ତୋ କୋଳେ ଲୁଅଁଳା ସଞ୍ଜ ପହରର
ଜୋଛନା ତଳେ
ପ୍ରେମ ଅଭିସାରେ ଅଭିମାନିନୀ ସେ
ଗୋପନେ ଚଳେ ।

ତୋ କୋଳେ ନିଦ୍ରିତ, ଗଭୀର ନିଶୀଥେ
ଚମକି ବାଳା
ଉଠି ନ ଥିଲକି ? ସ୍ୱପନେ ଅଲଗି
ପ୍ରଣୟୀ-ଗଳା ;
ତୋ କୋଳେ ଢାଳିଲି ବିରହୀ ବ୍ୟଥିତା
ଅଶ୍ରୁ-ଗରଳ
ତୋ କୋଳେ କି ଶାନ୍ତ ହେଲନି ? ରଜଣୀ !
ତନ୍ୱୀ ଅନ୍ତର ।
ଆସିଲି ଦଗଧ ନୀରସ ପରାଣେ
ମୃତ୍ୟୁ ଅହ୍ୱାନେ
ତୋର କୋଳ ତେଜ ରଜଣୀ ଲୋ ! ଏଥେ
କାଆଁ ମଉନେ ।
ବିଚ୍ଛେଦ ବିକଳ ଅନୁଶୋଚନାର
ତୀବ୍ର-ଗୁଞ୍ଜନେ
ମଳିନ-କାଳିମା-କଜ୍ଜଳ ଲେପିଛି
ସୁ-ଶ୍ରୀ ବଦନେ ।
ଅଯତନେ କେଶ ବନ୍ୟାସ ଗୁଛି
ଚିର-ହାସିନୀ

ଭୁଲିଛି କମ୍ପା ଲୋ! ତୁଚ୍ଛ ମଣେ ସର୍ବ
ମନ୍ଦ-ଗାମିନୀ ।
ପାଗଳିନୀ ସମ ହସେ, କାନ୍ଦେ ଉଠେ
ନୀରବି ଯାଏ
ମର୍ତ୍ତ୍ୟ ମାନବର କରମ ସକଳ
ବିଫଳ କହେ ।
ଜ୍ଞାନୀ ହୋଇ ଜ୍ଞାନ-ଗରବ-ଗାରିମା-
ପ୍ରାସାଦ ତୋଳି
ତରୁଣୀ ମରମ ମରଣ ବେଦନା
ନ ପାରେ କଳି
ଧନୀ ହୋଇ ଧନ-ପ୍ରୁ ବଲ୍ଲେକ ରଚି
ମର ମରତେ
ପୁଛିଲିନି ଦନେ ଷୋଡ଼ଶୀ ସରଳ—
ମଥ ଅଙ୍କାତେ ।
କି ଲାଭ ସେ ମର୍ତ୍ତେ ? ମୃତ୍ୟୁ ବିଭୀଷିକା
ଯାତନା ଭରା
ପୂରିତ, ଯେ ସ୍ଥାନେ ତରୁଣ ତରୁଣୀ—
ବିରହ-ପୁରା ।

କୁସ୍ମିତ କଦମ୍ବ ପୂତ ଗନ୍ଧ ମୟ
ବିଭସ୍ତ ସ୍ଥଳୀ
ଚିରାନନ୍ଦ ମୟ ଜୀବନ-କୁସୁମ
ପଡ଼େ ଝାଉଁଳି ।
ହାହାକାର ମୟ ହତାଶ-ହେଣ୍ତାଳ
ମାନସ-ବନେ
ଭୀମ ନାଦେ ଗର୍ଜେ ପ୍ରଚଣ୍ଡ ପ୍ରଟରେ
ନିତ ଗୋପନେ ।
ଦେଖା ନାହିଁ ସେହୁ ନିବିଡ଼-ଅଟବୀ
ଅନ୍ଧାର ଧରା
ବିଷାଦ ବିକଳ ବିରହ ବିଧୁର
ପ୍ରଣୟୀ- କାୟା
ଦେଖା ନାହିଁ ମୂର୍ଖ ମର୍ତ୍ତ୍ୟ ମାନବର
ମୋହ ଅଲୀକ
ତୋର କୋଳ ମାତଃ ! ଶାନ୍ତି-ସୁଧା-ଧାରା
ସ୍ନେହ ଦାୟକ ।
ଭାବେଁ ଲୋ ! ଭଉଣୀ, ନୟନୁ ସ୍ଫୁରଇ
ଅଗ୍ନି ସ୍ଫୁଲିଙ୍ଗ

କମ୍ପିଯାଏ ତନ୍ୱୀ ତନୁ ତାତ ତାପେ
(ଚେପଚହ୍ନ) ତଉତ ବେଗ
ଯାଉଛି ଲତାଇ ସ୍ନେହ-ଲତା ମୋର
ଦଷ ଅବୋର
ଯା' ଥିଲା ଦଚେନ ଛୋ ଗଳା-ରତ୍ନ-ହାର
ଦେ ପାଶୋର ।

# ଅଶ୍ରୁ ତର୍ପଣ

ଯେ ଦିନ ତ ଥିଲା ଏଇ ଗିରି ନଦୀ
କାନନ ଭୂଇଁ
ଶାରଦ-ଶିଶିର-ମୁକୁତା ଧବଳ
ପୂରିତ ମହୀ ।
ନୀଳ ଗଗନରେ ଅଗସ୍ତି-ଫୁଲିଆ
ଦ୍ୱିତୀୟା ଚନ୍ଦ
ସବୁଜ ପ୍ରାନ୍ତରେ କପୋତୀ କରୁଣ
ବିଳାପ ଛନ୍ଦ ।
ଯେ ଦିନ ମଳୟେ ଥିଲା ପାରିଜାତ—
କୁସୁମ ଗନ୍ଧ,
ଯେ ଦିନ ତ ଥିଲା ଜୀବନ-ଯୌବନ
ବିପୁଳ ଦ୍ୱନ୍ଦ ।

ସେ ଦିନ ତ ଥିଲା ଏଇ ଜ୍ୟୋସ୍ନା-ଗୁଚ୍ଛ—
ଗୃନ୍ଦନୀ ରାତ
ପଲ୍ଲୀ ଷୋଡ଼ଶୀର ଉଦାସ ଗୃହାଣୀ
ଅଳସ ଗତି ।
ସେ ଦିନ ତ ଥିଲା ପ୍ରଣୟିନୀ ମୁଖେ
ମଧୁର ହାସ
ପ୍ରଣୟୀ ପ୍ରଣୟ-ଚିତ ଚୋର-ମଧୁ
ମର୍ତ୍ତ୍ୟ-ପିୟୂଷ
ପ୍ରଣୟିନୀ କଣ୍ଠେ ଆବେଗ ଉଚ୍ଛଳା
ପ୍ରଣୟ-ଗୀତ
ପ୍ରଣୟୀ ବୁକୁରେ ଆଶା-ଆଶଙ୍କାର
ପ୍ରଳୟ ସ୍ରୋତ ।
ପ୍ରଣୟିନୀ ସ୍ପର୍ଶେ ଜନନୀ କଲ୍ୟାଣ
ଫୁଟେ ଆଶୀଷ
ପ୍ରଣୟୀ ଅନ୍ତରେ ମହା ମାନବର
ଉଚ୍ଚ ଆଦର୍ଶ
ପ୍ରଣୟିନୀ ଜେବେ ଥିଲା ମର୍ତ୍ତ୍ୟ-ବିଦ୍ୟୁ
ଝଲକ ଆଭା

ପ୍ରଣୟୀ ନୟନେ ଥିଲା ଶକ୍ତିରୂପ—
ମୋହନ ଶୋଭା ।
ସେ ଦିନ ତ ଥିଲା ଏଇ ବିଭାବରୀ
ଅମା-ତିମିର
କଳା ବଉଦିଆ ଆଷାଢ଼ ଗଗନ
ବରଷା ଧାର ।
ପ୍ରଣୟିନୀ ଥିଲା ପ୍ରଣୟ-ବିହ୍ୱଳା
ପ୍ରେମ-ବାୟାଣୀ
ପ୍ରଣୟୀ କାନରେ ବାଜୁଥିଲା ସେଇ
ବିରହ-ଧ୍ୱନି ।
ସେ ଦିନ ଥିଲା ଏ ସକଳ ଆନନ୍ଦ
ପ୍ରଣୟ ସ୍ୱପ୍ନ
ନଥିଲା କେବଳ ଆଜିର ଏ ଦୁଃଖ
ଅଶ୍ରୁ-ତର୍ପଣ ।

---

# ଦୂର ଅତୀତ

—o—

ମଉଳି ଯାଏ ମୋ
ସକଳ କରମ
ଡାକି ଉଠେ ଦୂର ଅତୀତ
ଅସ୍ତଗତ ରବି
ବିମୋହନ ଛବି
ଦିଏ ନାହିଁ ଶାନ୍ତି-ଅମୃତ ।
ବନ୍ଧୁ, ସାଙ୍ଗ ସାଥୀ
ଥଟ୍ଟା ପରିହାସ
ଅନ୍ତର ମଙ୍ଗଳ-କାମନା
ଅମଙ୍ଗଳ ଧ୍ୱାନ୍ତ
ସମ ମନେ ହୁଏ
ନାହିଁ ତହିଁ ଆଜ ବାସନା ।

ଛଈବ୍ୟର ଛାୟା
ଜଗୁଆ ପହରୀ
ଅଲସ ନରମେ ହକାରେ

ଭବିଷ୍ୟତ-ଲକ୍ଷ୍ମୀ
ଶେଷ କଣ୍ଠାସେ
ଡାକନ୍ତି, ଜୀବନ-ଦୁଆରେ ।

ଦୁନିଆର ମାୟା-
ମୋହନ-ବାଶରୀ
ରନ୍ଧ୍ର, ଶୋଧିବାକୁ ଲାଳସା

ଛିନ୍ନ ଆଜି ସର୍ବ
ଦାନ, ପ୍ରତିଦାନ,
ସୁଖ, ଦୁଃଖ, ଆଶା ନିରାଶା ।

ମଉଳି ଯାଏ ମୋ
ସକଳ କରମ
ଡାକି ଉଠେ ଦୂର ଅତୀତ

ଉଡ଼େ ଫେର ଫେର
ସୁନେଲି ପଣାନ୍ତ
ସୁଦୂର ସେ ସ୍ୱପ୍ନ, ଅତୀତ୍

ସ୍ୱପନ—କୂଜନ

ନିର୍ଜନ ନିଶୀରେ
ନିରଞ୍ଜନା କରେ ନୀରବେ

ନୀହାରିକା ପଥ

ଆବିଷ୍କାର ହୁଏ
ନିରଞ୍ଜନା ଗନ୍ଧ ସୌରଭେ ।

ଉତ୍ସାହ, ପ୍ରେରଣା

କର୍ମ ଉଦ୍ଦୀପନା
ମହାମୂଲ୍ୟ ଜ୍ଞାନ ପିପାସା

ଶୁଖି ଝଡ଼ି ପଡ଼େ

କମଳିନୀ ଯଥା
ହିମପାତେ ହୁଏ ବିବଶା ।

ପ୍ରଭାତ ଜୀବନେ

ଘୋଟି ଆସେ ଘୋର
ଘନ-ଘଟା-ଭୀମ ଅନ୍ଧାର

ପ୍ରଳୟଙ୍କରୀ

ଭୀମ ମରୁଶ୍ୱାସ
ସାଇଁ ସାଇଁ ବହେ ସମୀର

ମଉଳି ଯାଏ ମୋ
ସକଳ ଭରସ
ଭାଙ୍ଗିପଡ଼େ ସ୍ପୃହା ସାହସ
ଭାସିଆସେ ନିତ
ସେ ମୋହନ ଛବି
ସୁଷମାର ଯା’ ନାହିଁ ଶେଷ ।

# ତୁମେ

—o—

ତୁମେ, ରକ୍ତ ଶୁଖା ଜ୍ୟେଷ୍ଠ ସଞ୍ଜରେ
ଯେବେ, ଆସିବ ଆକୁଳ ଅଧୀରେ
ମୁଁ, ଯୋଛନା-ସାଗର ବେଳାରେ
ପ୍ରେମର, ଶୀତଳ ମଲୟ ସମୀରେ
ଶାନ୍ତ, କର ବର ନେବି ସାଦରେ
ରକ୍ତ ଶୁଖା ଜ୍ୟେଷ୍ଠ ସଞ୍ଜରେ ।

ତୁମେ, ଘନ-ଘଟା ମେଘ ଘଢରେ
ଯେବେ, ଆସିବ, ଏ ଦୀନ କୁଟୀରେ
ମୁଁ, କ୍ଷଣ-ପ୍ରଭା ସ୍ନିଗ୍ଧ ଗଢରେ
ଠାଣି, ନେବି ତ୍ୱର ଅମା-ତମିରେ
ଘନ-ଘଟା ମେଘ ଘଢରେ ।

ତୁମେ, କୁଆଁର ପୁନେଇଁ ପରବେ
ଶାନ୍ତ, ଶରତର ଶଶୀ ଉତ୍ସବେ
ଯେବେ, ଆସିବ ହସାଇ ଧରଣୀ
ମୁଁ, ଅକାଳ ବଉଦ ସରଣୀ—
ଭଳି, ଓଗାଳିବି ପଥ ଗରବେ
ଶାନ୍ତ ଶରତର ଶଶୀ ଉତ୍ସବେ

ତୁମେ, ହେମ-ହାର ଗୁନ୍ଥି [redacted] ହେମନ୍ତେ
ଯେବେ, ଆସିବ ଚକୋର ଇଙ୍ଗିତେ
ମୁଁ, ବାଳଭାନୁ ରଶ୍ମି ପ୍ରଭାତେ—
ହୋଇ; ତୋଳି ନେବି ଯତ୍ନେ ଗୁପତେ ।
ଯେବେ ଆସିବ ହେମାଳ ହେମନ୍ତେ

ତୁମେ, ହିମାଳୟୁ ହିମ ଆହର—
ଯେବେ, ଆସିବ ଶୀତରେ ଶିହର
ମୁଁ ଭିଡିନେବି ବାହୁ ବନ୍ଧନେ
ବୁକୁପରେ ମୃଦୁଲଜ୍ଜ କମ୍ପନେ
ଯଉବନ ଭରା ପରଶେ ।

ତୁମେ, ବସନ୍ତର ଶିରୀ ସୁଷମା
ତୁମେ, କୁସୁମ ମହକ ଗରିମା
ତୁମେ, ପ୍ରିୟ ସହଚରୀ କୋକିଳ

ତୁମେ, ମନ୍ଦ ମଳୟ ଆକୁଳ
ମୁଁ ଗୋ, କ୍ଷୁବ୍ଧ ଅକୂଳ ଅଧୀର
ମୁଁ ଗୋ, ପାଗଳ ମାଧବୀ ବନର
ଶୋଭା, ଗୁଞ୍ଜରଣ ପୂର୍ଣ୍ଣ ଗୀତରେ
ଖୋଜ, ବୁଲେ ନିତ ନିତ ଭ୍ରମରେ ।
ଆସ, କୋମଳା ତରୁଣୀ ରୂପସୀ
ଚିର, ଉନ୍ମଦ ପ୍ରାଣ ଉପସୀ ।
ରଚି, ବସନ୍ତ ମିଳନ ଗୋପନେ
ମନ୍ତ୍ର, ମୁଗ୍ଧ ମୁକ୍ତ କର ଫାଲ୍‌ଗୁନେ
ହସି, ହସାଇ ଜୀବନ ବସନ୍ତେ
ସତ୍ୟ, ଶାନ୍ତି ସୁନ୍ଦର ସଙ୍ଗୀତେ
ଫେର, ଯିବା ଦିନେ ମୃତ୍ୟୁ ଗହନେ
ଭ୍ରମ, ଭେଳକି ଲଗାଇ ଭୁବନେ
ଆସ ତରୁଣୀ ପ୍ରିୟା ଗୋ ! ମଉନେ
ଏଇ ପଦ୍ଧଲ ଫଗୁଆ ଫଗୁଣେ ।

---

# କଳଙ୍କିନୀ

—o—

ସମାଜ-ଉଗର୍ବ—
ଉନ୍ଦ୍ରିମ, ଏଇ
ଶୃଙ୍ଗରେ ଧନ,

ଗର୍ଜିଉଠେ
ଭୂମିକାଦେ
କଲଙ୍କ ଗାନ ।

ଜନନୀ ତୋହର
ବ୍ୟଭିଚାରିଣୀ—
କଲଙ୍କିନୀ,

ଅନ୍ଧ ସମାଜ
ସାଜନ୍ତି ତାରେ,
ନଗ୍ନ—ରାଣୀ ।

ନୟନ ଅଶ୍ରୁ
ନଗ୍ନ-ବେଶ
ବିଷାଦ-ମୁଖ

ମଳିନ ବାସ
ବାସି କବଶ
ମୁକ୍ତ ବକ୍ଷ ।

ଦର୍ଶନ ଆଶେ
ସୟତାନର
ପିଶାଚ-ଲୀଳା

ସରଳ ନିର୍ବୋଧ
ଜୀବନେ ଲେପଇ
କଳଙ୍କ-କଳା ।

ରୁଦ୍ଧ ତା' ଲାଗି
ସକଳ ଦ୍ୱାର
ସରସୀ ତୀର

(ତା) କାଳିମା ଘୁଞ୍ଚୁ
ସ୍ପର୍ଶେ ଶିହୁରେ
ସ୍ୱଚ୍ଛ ସଲିଳେ ?

ବସନେ ତାର
କଳଙ୍କ ଦାଗ
ରହୁଛି ଲାଗି

ରଜକ ଏଣୁ
ଆସେ ନି ଦିନେ
ସରଣୀ ଧୁଇ ।

ତଥାପି ତାର
ଭଙ୍ଗା ଜୀବନ
ବିକଳ ପ୍ରାଣେ

ଗର୍ବର ଗୀତ—
କୋଣାର୍କ ରଥେ
ମଧୁ ଲଗନେ ।

ଶତ କଲ୍ଲୋଳିନୀ—
ମନ୍ଦାକିନୀର
ଧାରା ଛୁଟଇ

ସ୍ନିଗ୍ଧ ସୁଷମା
ନବ ବସନ୍ତର
ଶ୍ରୀ ହସଇ ।

ମୂର୍ଖ ସମାଜ
ଦେଲା ସେ ତାରେ
ବିପୁଳ ଦାନ

ପ୍ରତିଦାନ ଛଳେ
ତୋଳି ନେଲା ସେହୁ
ପ୍ରେମ-ନିଶାଣ ।

ପୂର୍ଣ୍ଣମୀ ସୁନ୍ଦର
ବିମଳ ଜ୍ୟୋସ୍ନା
ତା ଅନ୍ତଃସ୍ଥଳେ

ସମାଜ-କୁତ୍ସା—
ତିମିର, ନାଶି
ପ୍ରେମେ ଝଳିଲେ ।

ଶାରଦ ସନ୍ଧ୍ୟା
ପ୍ରଶାନ୍ତ ସୁନୀଳ
ଗଗନ ସମ

କଳୁଷ ଶର
ସ୍ୱର୍ଗୀୟ-ଆଭା
ଭରେ ଦିଗନ୍ତ ।

ଯଉବନ ମଦେ
ଗୃହୁ-ଗୃହମୀର—
ଛୋଛନା ଛଳେ

କୋମଳା ଯୁବତୀ
ସର୍ବସ୍ୱ ହରଣେ
ଯେ' ଆସେ ଚଳେ ।

ସସ୍ମିତ ମୁଖ
କରୁଣ ମିନତି
ଉଦାସ ନେନ,

ଶଠ ଛଳନାର
ଐନ୍ଦ୍ରିଜାଲିକ
ଯନ୍ତ୍ରଁ ସଁଥିତ ।

ଭିକ୍ଷୁକ ସମ
ହସ୍ତ ବଢାଏ,
ଆକୁଳେ ଧୀରେ

ନୀରବ ନିଥର
ସୁପ୍ତ ଜଗତ
ନିଶୀ-ତିମିରେ ।

ଜଲ୍ଲଦମାର
ନବ-ଯୌବନେ
ଲାଗେ ଚମକ

ଭଲ ପାଇବାର
ଅସ୍ପଷ୍ଟ ମୋହ
ହୁଏ ଉଦ୍ରେକ ।

ଅଧର ତଳୁ
ଅମୃତ ଶେଷେ
ଉଣ୍ଡ ଉତ୍ସୁକ

ଭଲ ପାଇବାର
ପରଣାମେ ପୁଣି—
କାଳିମା ଶଙ୍କ ।

ତା ଲଗି ସୃଷ୍ଟସ—
ସମାଜ ପୁରେ
ପଙ୍କତା ସୃଷ୍ଟି

ଶତ ଅତ୍ୟାଚାର
ଅନ୍ୟାୟ, କୁ-କର୍ମେ-
ରହେ ସେ ଲିପ୍ତି ।

ଭ୍ରାନ୍ତ ମାନବର
ଜୀବନେ ପଡ଼େ ନା
କଳଙ୍କ—ଗାର

ଯୁବତୀ କପାଳେ
"କଳଙ୍କିନୀ" ପଦ
ଚିର-ଅମର ।

—୦—

# ଦୁଲ୍ କେ ସ୍ମୃତି

—o—

ଦୁଲୁକେ ସ୍ମୃତ
ନିବିଡ଼ ଏ ଘୋର ବରଷା ରାତ ।
କଳା ବଉଦରେ ଦାମିନୀ ହାସ
ଘନ ତମିର
ତରୁଣୀ ପରାଣ ହୁଏ ଆକୁଳ ।
ନବ ବିରହିଣୀ ମଉନାବତ
ଅଷାଢ଼ ରାଣୀ
ବିଚ୍ଛେଦ ବ୍ୟଥିତା ନୟନୁ ଢାଳେ,
ବେଦନା ପାଣି
ଝପର ଝପର କରୁଣ ଗୀତ
ଆସେ ଗୋ ଭାସି
ଶିତୁଆ ବାଆର ପରଶେ ଉଠେ
ମନୁ ଉଲସି ।

ଦୂଲୁବେ ସ୍ମୃତି

ନିବିଡ଼ ଏ ଘୋର ବରଷା ରାତି ।

ଗଦେଖାଛ ଖୋଜିଲ ପ୍ରିୟାର ସ୍ମୃତି
ଗଛ ଗହଳେ

ମିଳନ ପିପାସା ତୃପ୍ତି ଆଶାରେ
ନୀରବେ, ଧୀରେ ।

ସମାଜ ଗୃହେନି ଦେବାକୁ ବାଧା
କପଣ ଦାଉ ।

ଆନ ମୁଖେ ମଧୁ ହାସ୍ୟ ରେଖା
ଦେଖିବ କାହୁଁ ?

ପର ଶିଶୁ ମୁଖ ଏମନ ମଣ୍ଡି
ସହେନି ନର

ଭ୍ରାନ୍ତ ବୁଝେନି ପର ଶିଶୁ ମୁଖ
ଅମୀୟ ଧାର ।

ହଳାହଳ ବିଷେ କର ଅର୍ଚ୍ଚନା
ଜୀବନ ସାର ।

ତ ଫଳ ପାଇଛୁ ? କହନା ଭଲ
ଅଛ ପାଗଳା ।

ଦୁଲୁକେ ରାତି
ନିବିଡ଼ ଏ ଘୋର ବରଷା ରାତି ।
ବନ୍ଧୁ ସ୍ବଜନ ଅଶୁଭ ସ୍ବପନ
ଦେଖିବେ କାହିଁ
ଶତ ଅଭିସାର ଗୁପ୍ତ-ପ୍ରଣୟ
ନିତି ଘଟଇ ।
ନବଯୁବା କୋଳେ ତରୁଣୀ ଢଳେ
ପ୍ରେମ ଆନନ୍ଦେ
ଝରଇ ଅଶ୍ରୁ, ପୁଲକେ ତନୁ
ସେ ମହାଛନ୍ଦେ ।
ଚୁମ୍ବନ ପରେ ଚୁମ୍ବନ ଲଗେ
ଫିଟେ କବରୀ
ବସନ ଖସେ, ନିଶ୍ବାସ ଛୁଟେ
ସଙ୍କୋଚେ ଥର ।

ଦୁଲୁକେ ରାତି
ନିବିଡ଼ ଏ ଘୋର ବରଷା ରାତି
ତୃପ୍ତି ଅସେନି ତରୁଣ ପ୍ରାଣେ
ଯୌବନ କ୍ଷୁଧା
କୋମଳେ ସ୍ପର୍ଶେ—ଅସିବ କାଲି
ଅସ୍ଥି ପ୍ରମଦା ।

ନାହିଁ ଗୋ ଏଥି ସମାଜ-ଶାସନ—
ଆଶଙ୍କା ଭୟ
ପ୍ରକୃତ ପୁରେ ରଚିବା ବସି
ପୂତ-ପ୍ରଣୟ ।
ଚିରସଙ୍ଗୀନା—ସମାଜ ଆଖ୍ୟା
ବଜ୍ର ନିର୍ଘୋଷ
ଶତ ଲାଞ୍ଛନା ମର୍ମ ଗଞ୍ଜଣା
ଅପାର କ୍ଳେଶ ।
ନାହିଁ ଗୋ ! ଏଥି, ପ୍ରଣୟ-ପାନେ
ରହେକି ବିଷ ?
ସ୍ନିଗ୍ଧ ଶୀତଳ ଦିବ୍ୟ ଝରେକି
ପ୍ରେମ ପୀୟୂଷ ।
ଦୂଲୁକେ ଛାତ
ନିବିଡ଼ ଏ ଘୋର ବରଷା ରାତ ।

# ଆସିବ ତୁମେ

—o—

ଆସିବ ତୁମେ
ଶୂନ୍ୟ ଆକାଶ
ବାଦଲ ହୋଇ
ବାତାୟନ ପଥେ
ରହିବି ନିରେଖି
ଆକୁଳେ ଗୃହ ।
ସ୍ୱପ୍ନ—ସୁନ୍ଦରୀ
ସୁଷମା ସାଜି
ଆସିବ ଯେବେ ।
ନିବିଡ଼ ନିଶୀଥ
ଅମା-ତମିର
ମହା ଉତ୍ସବେ ।

ନିଦ୍ରା-ସ୍ୱରଗ
ଶାନ୍ତ ନିଳୟେ
ନୟନ ମୁଦ
ହେରିବି ସେ-
ଶୋଭା, ଅତୁଳ-
ଆଭା, ରୂପ-କୌମୁଦୀ ।

ଆସିବ ଯେବେ ଗୋ !
ସଞ୍ଜୁଆ ସମୀର
ଶୀକର ହରି
ବସି ରହିବି
ସେ' ପରଶ ଲାଗି
ଅପେକ୍ଷା କରି ।

ନେଳିଆ ଆକାଶ
ଲୋଟି ତାରା ପରି
ହାସ୍ୟ ବଦନେ
ଆସିବ ଯେବେ ଗୋ !
ମିଠି ମିଠି ଗୁହାଁ
ସନ୍ଧ୍ୟା ଗଗନେ ।

ଶ୍ୟାମଳ ପ୍ରାନ୍ତର
ଘାସ ଫୁଲ ହୋଇ
ଧରଣୀ ବୁକେ
ରହିବିଗୋ ! ତୁହିଁ.
ପ୍ରଶାନ୍ତ ସୁନୀଳ
ଗଗନ ବକ୍ଷେ ।
ମହା ସାଗରର
ବୀଚି ବୀଥି ରୂପେ
ଆସିବ ଯେବେ
କଳ୍ପନା-କଳାପ-
କୁଞ୍ଜ ନିର୍ମିବି
ତବ ଗୌରବେ ।
କୁସୁମ ଉଦ୍ୟାନ
ରକ୍ତ ଗୋଲାପ
ଶିଶି ସମ୍ଭାରେ
ଆସିବ ଯେବେ ଗୋ !
ଗୋଲାପି ବାସନା
ଭସ୍ମ ଅନ୍ତରେ ।

| ୬୩ |

ସମୀର କୋମଳ
ସ୍ପର୍ଶ କମ୍ପନେ,
ଆକୁଳ କର
ହେରବି ସେ ଶୋଭା,
ଗନ୍ଧ ସୌରଭ
ରୂପ-ଲହରୀ ।

# ଅବୁଝା ଯୌବନ

—o—

ଏଡ଼େ ଅମାନିଆଁ
ଦୁର୍ଦ୍ଦଣ୍ଡ କିପାଁ ।
ହେଲୁ ଯୌବନ
କଲ୍ଲୋଳିନୀ ସମ                ନମାନିଲୁ ବାଧା-
ବିଘ୍ନ ବନ୍ଧନ ।
ନିର୍ଝର ସଙ୍ଗୀତ
ପ୍ରତିଦ୍ୱନ୍ଦ୍ୱୀ ରୂପେ
ପ୍ରେମ-ସଙ୍ଗୀତ
ସଙ୍ଗୀତଜ୍ଞ ହୋଇ                ପ୍ରଣୟ-ଜଗତ
କଲୁ ମୋହିତ
ଅବସାଦ ଗ୍ଲାନି
ସକଳ ତେଜିଲୁ
ଏଡ଼େ ଦୁର୍ଦ୍ଦାନ୍ତ
ସରମେ ଭରମେ                ଥକି ଗଲୁ ନାହିଁ ?
ନ ଥକେ ଚିତ୍ତ ।

ତରୁଣୀ-ଅଧର
ମଧୁର-ମଦସ
କଲୁ ନିଃଶେଷ
ପଥ ଘାଟେ ଲୁଚୁ          ନଗ୍ନ ସାଜଲୁ
ଅନ୍ଧ, ଉଦାସ ।
ଏବେ ଅମାନିଆ
ଦୂରୁଦଣ୍ଡ କମ୍ପି
ହେଲୁ ଯୌବନ
ପଛୁ ଶୁଭେ ପରା          ଶ୍ଳଥ-ଚର୍ମା-ଭସ
ମୃତ୍ୟୁ ଆହ୍ୱାନ ।
ଦଉଡେ ଅତୀତ
ଅସ୍ତ ବ୍ୟସ୍ତ ହୋଇ
ଭବିଷ୍ୟ ଡାକେ
ରହ ରହ ପାନ୍ଥ !!          ଉଚ୍ଛୃଙ୍ଖଳତା—
ପିଚ୍ଛିଳ ପାଥେ ।
ସମାଜ ଡାକଇ
ଭୀମ ରଡ ଦେଇ
ମହା ରୋଷରେ
ରହ କୁଳାଙ୍ଗାର          ପାଷାଣ୍ଡ ବର୍ବର
ସାବଧାନରେ ।

ଶୁଣିଲୁନି' କହୁଁ
ସ୍ରୋତ ସ୍ୱଗତ ଧର୍ମେ
ଧାବିତ ହୋଇ
ଛୁଟିଲୁ ଦୁସ୍ତର- ବାଧା-ଗିରିବନ
କାନ୍ତାର ଡେଇଁ ।
ଲକ୍ଷ୍ୟଥିଲା ଏକ
ପଥ ଅନିର୍ଦ୍ଦିଷ୍ଟ
ବିରାଟ ଆଶା
ଅନିର୍ବଚନୀୟ ମିଳନ ମାଧୁରୀ
ତୃପ୍ତି ପିପାସା ।
ରୋଧିବାକୁ କା'ର
ଶକ୍ତି ନ ଥିଲା
ଶକ୍ତି ଉଦ୍ଧତ
ଏବେ ଅମାନିଆ ଦୁର୍ଦ୍ଦଣ୍ଡ ପୁଣି
ହେଲୁ, ଉଦ୍‌ଭ୍ରାନ୍ତ ।
ସରସୀ ନିର୍ଝର
ନୀର ଧର୍ମ ଏକ
ଗତି ବିଭିନ୍ନ
ଏକ ଅନାବିଳ ମୁକ୍ତ ନିର୍ଝର-
ମୂରଲୀ ସ୍ୱନ ।

ଆଜ ରୁଦ୍ଧ ଦ୍ୱାର
ବିଷାଦେ ଜର୍ଜର
ବିକଳ ପ୍ରାଣ।
କିଏ ହେର ସୁଖୀ ?          ରୁଦ୍ଧ ନା ମୁକ୍ତ ?
ପ୍ରଫୁଲ୍ଲ ମନା।
ରୁଦ୍ଧ ଯୌବନ ?
କିଏ ବୋଲେ ? ତାରେ
ବେଧିବ କିଏ ?
ଶତ ଗୁପ୍ତରନ୍ଧ୍ରେ          ରୁଦ୍ଧ ଦୁଆର
ମୁକୁଳି ଯାଏ।
ମାନବ ପାରେନା
ମୁକୁଳା ଯୌବନେ
ଶଙ୍କୋଳା ଦେଇ
ମୁକ୍ତ ଗତି ତାର          ମତ୍ତ ପଥେ ଛୁଟେ
ଉଚ୍ଛୁଳି ଯାଇ।
ପ୍ରଣୟ ଦେଖେନା
ଷୋଡ଼ଶୀ ତରୁଣୀ
ରୂପ ଐଶ୍ୱର୍ଯ୍ୟ
ବଣିକ ବନ୍ଧ          ଉଚ ନୀଚ କୂଳ
ଗୁରୁ ଗାମ୍ଭୀର୍ଯ୍ୟ।

ପ୍ରିୟ ଲାଗି ଯା'ର
ସଜଳ ନୟନ
ସନ୍ତାପ ପ୍ରାଣ
ସେହି ତାର ସୀମାହୀନ ପଥେ,
ମଣି କାଞ୍ଚନ ।
ସେହି ତାର ସ୍ୱର୍ଗ-
ନନ୍ଦନ କାନନ
ମଧୁ-ଝରଣା
ସେହି ତାର ପ୍ରିୟା ରୂପସୀ ଜଗତ
ମୌଳି ମଣ୍ଡନା ।
ତାର ଲାଗି ସିନା
କର୍ମ ଉଦ୍ଦୀପନା
ଗର୍ବ ସମ୍ବଳ
ତା ବିନା ତୁଚ୍ଛ ଏ ରତ୍ନଗର୍ଭା ଧରା,
ଶୂନ୍ୟ ଅମ୍ବର ।
ଏଡ଼େ ଅମାନିଆ ।
ଅବୁଝା ଅଝଟ !!
ବୃଦ୍ଧ ଯୌବନ !!!

ମାନୁ ନାହିଁ ମନା        ରୋଗ, ଶୋକ, ଦୁଃଖ
ଜରା ମରଣ ।

—ঃ0ঃ—

# ସନ୍ଧ୍ୟା

—0—

ଆସ ସନ୍ଧ୍ୟା ! ଏ ଜୀବନେ
ଜାଳିବାକୁ ସ୍ମୃତିର ଦୀପାଳି
କରୁଣ ମୂର୍ଚ୍ଛନା ତା'ରେ
ଅତୀତର ଗୂଢ଼ ବାଣୀ ଢାଳି ।
ଯେ' ଅତୀତ ଅପେରନ୍ତା
ଭବିଷ୍ୟତ ସ୍ୱପ୍ନ-ଅଶ୍ରୁ-ହର
ବର୍ତ୍ତମାନ, ଅତୀତର
ଉଦ୍‌ବୋଧନା ସଂଗୀତେ ମୁଖର ।
କପୋତୀ କରୁଣ ଛନ୍ଦେ
ଗୁମୁରେ ଯେ' ଝୁରି ଝୁରି ମରେ,

ମୃତକର ତୃପ୍ତି ଆଶା ନେଇ
ଆଶା-ଫଲ୍‌ଗୁ ମନ୍ଦାକିନୀ ତୀରେ ।
ରକ୍ତ ତପ୍ତ ହାହାକାର ମୟ
ବେଦନାର ନୈରାଶ୍ୟ-ମଳୟ
ଦୁର୍ଦ୍ଦାନ୍ତ ଦୈନ୍ୟ-ଦୁଃଖ ଯାତନା
ଯାହା କିଛି ଭବେ ବିଷମୟ ।
ସେ ସକଳ ଭ୍ରାନ୍ତ ବିଅସ୍ତ୍ରର
ସୀମା ଲଙ୍ଘି ଚାଲ୍ ଆସ ଧୀରେ
ଜଗତ ଯା' ବୋଲେ ଦୁଃଖ ଭରା
ରୋଗ ଶୋକ ତୀବ୍ର ଦହନରେ ।
ବାହୁ ଆଣ ସେ ସମ୍ପଦ ଶିରୀ
ତବ ଭବ କର୍ଣ୍ଣଧାର ସାଜି
ବନ୍ଦାପନା ଅରଚନା ଆଗେ
ଲୋଡ଼ା ଯା'ରେ, ନାହିଁ ସେ ଯେ' ଆଜି

* * *

ରତ୍ନଭରା ସାଧବ ବୋଇତ
ସାଗରର ଊର୍ମି ଦାଣ୍ଡେ କର
ବସ୍ପଳ କର୍କଶ ରୁଦ୍ର
ଇହସ୍ପର ଗର୍ଜନେ ନ ଡର

ମରଣର ମଙ୍ଗଳକା ନୃତ୍ୟ
ଅହର୍ନିଶି ଚନ୍ଦ୍ରା-ଦୃଶ୍ୟପଥେ
ନିରେଖି, ଯେ ବାହୁଥିଲ ତରୀ
ଭିଡ଼ି ଥିଲ ପାଲ ଯେ ବୋଇତେ ।
କାର ଲଗି ଜାଣିନା କି ସଂଧ୍ୟା
ତୁଚ୍ଛ କର ଦୁର୍ଲଭ ଜୀବନ,
ପଉଷ ପ୍ରେତାତ୍ମା ଯାତନା,
ତୁଚ୍ଛ କର ଅବ୍ୟର୍ଥ ସନ୍ଧାନ ।
ବିସ୍ମର ପ୍ରେମ ପୁଲକେ
କ୍ଷୁଧା, ତୃଷ୍ଣା, ଜଠର କ୍ରନ୍ଦନ
ରୌଦ୍ରତାପ, ଶ୍ରାବଣର ଧାର
ବାତ୍ୟାର ଯେ' ଘନ ଆନ୍ଦୋଳନ ।
ଠେଲି ଦୂରେ—ଭଙ୍ଗ ଗୃହେ
ଆଣ୍ଠୁ ବାନ୍ଧ ତରୀ ନିଜ ଦେଶେ
କୋମଳାଙ୍ଗୀ ଲାବଣ୍ୟ ଲୀଳା
ଲାଳିତ୍ୟର ମାଧୁରିମା ଅଶେଷ ।
ବନ୍ଦାପନା-ଅର୍ଘ୍ୟଡାଲି ସାଜ
ମିଳନର ଶୁଭ ଶଙ୍ଖ ଫୁକି

ନବନୀତା-କୋମଳା ରୂପସୀ
ଆସେ ଯେବେ, ବିଚ୍ଛେଦ ଉପେକ୍ଷି ।
ମାଧବର ପରଶ ମନ୍ଦରେ
ଉନ୍ମାଦନା—ଅପ୍ସରୀ-ପରଶ
ଦେଇଯାଏ କି ମୋହ ମୋହିନୀ
ନାହିଁ ତାର ଆରମ୍ଭ ଓ ଶେଷ ।

* * *

ତରୁଣୀର ତରଳ ହିଆରେ
ଲାଗେ ଯେଉଁ ଅପାର ଉତ୍ସବ
ବୁଝିବନି ଜାଣିବନି ଏ ଅନ୍ଧ ସମାଜ
ଆସ୍ୱାଦି ସେ ଅମୃତ ପରବ ।
ଗାଲି ଜାଣେ କୁତ୍ସିତ ଭର୍ତ୍ସନା
ଶମଶାନେ ରଚି ଶତ-ସୌଧ
ଗାରବର ଗର୍ବ ଯାଏ ମରି
ଶତଧିକ୍ ତା ଅନ୍ନ-ସ୍ୱାଦ ।
ସେ ସକଳ ଶେଷ ଅନ୍ତେ
ଆସ ସଂଧ୍ୟା ଏ ଜୀବନ ତଳେ
ନୟନର ସଞ୍ଚିତ ଲୋତକେ
ଅର୍ଘ୍ୟ ରଚି ମୁକ୍ତ ସ୍ମୃତି ଦ୍ୱାରେ ।

[ ୭୫ ]

ବସିଅଛୁ, ବସିଥିବି ଧୀରେ
ହାହାକାରେ ଏ ଜୀବନ ସାରା ।
ମୃତର ଦୀପାଳି ଜାଳି
ତାର ଲାଗି ଭୁଲି ମୃତ୍ୟୁ ଡର ।
ଚାଲିଯିବି ବନେ ମୁଁ ଗୋପନେ
ଅଜ୍ଞାତର ବେଣୁ ବାଇ ବାଇ
ଆସିବ ସେ—ଶୁଭ ଶଙ୍ଖ ଫୁଙ୍କି
ମିଳନର ପ୍ରେମ ଗୀତ ଗାଇ ।
ବିରହର ମିଳନ ଉତ୍ସବେ
ଅତୀତର ଅଭିସାର ସ୍ମରି
ଆସିବ ସେ—ଆସିବି ମୁଁ ହର୍ଷେ
ତୁମକୁ ଗୋ ନେବା ପାଇଁ ବରି

—୪୦ଃ—

# ଦେବତା ନାହିଁ

—o—

ଅଜର ଏ ଗୃହ
ଧୂପମାଘ୍ରାନ
ସ୍ନିଗ୍ଧତାଘ୍ରାନ
ଏକାଦଶୀ ବ୍ରତ ନିଷ୍ଫଳା ଆଉ ନିଷ୍ପ୍ରୟୋଜନ
ଦେବତା କାହିଁ ?
ମୂର୍ଖ ମାନବେ ଅନ୍ଧ ସ୍ୱପନ
କରନ୍ତି ବାଇ ।

( ୨ )

ଜ୍ୟୋସ୍ନାରେ ନାହିଁ ମଧୁର ମଦିର
ମଳୟେ ନାହିଁ ବାସ
ନେଇ ପ୍ରୀତିକର ଗଗନ ନୀଳମା
ହୋଇଛନ୍ତି ଅଜି ଶେଷ ।
ଧର୍ମକାହିଁ
ଜୀବନ-ମରଣ-ପୂଜା-ଡାଲି ତଳେ
ସତ୍ୟ ନାହିଁରେ ଶାନ୍ତି ନାହିଁ ।

( ୩ )

କାଠ ପାଷାଣର ଦେବତା ମନ୍ଦରେ

ରକ୍ତ-ଆରତି

ତୁହେଁ କି ଦେବତା ? ରକ୍ତରେ ଯେବେ

ଅଟେସରେ ତୃପ୍ତି

ମୁକ୍ତି କାହିଁ ?

ମିଥ୍ୟା ଛଳନାମୟୀ-ମୃଗତୃଷ୍ଣା

ଜଗ ଏ ମଧ୍ୟା ।

( ୪ )

ସନ୍ତ୍ୱନା-ଦେବତା, ଆଶା—ପୂଜକ

କର୍ମ କୁସୁମ

କାଠ ପାଷାଣର ଦେବତାଙ୍କୁ ଶ୍ରେଷ୍ଠ;

ମାନବ ଧର୍ମ ।

କରେ କେ' କାହିଁ ?

"ଲଲାଟ ଲିଖନ"

ନର ମୁଣ୍ଡୁ ଅଟେ ଦେବତା ଅଶିସୁ

ବଞ୍ଚିତ ହୋଇ ।

ଦେବତା ଅଟେନା' ମରଣ ବେଦୀର

ପୁରୋଧା ପାଇଁ ।

( ୫ )

"କଳାବୋଦା" "ଲକ୍ଷେ ବେଲ ପତ୍ରୀ" "ବୈଁପ୍ୟ ନଯୂନ"
କରୁଣ ଯାଚନା, ବିପଦ ଜନର ଆକୁଳ ମନ ।
ସାନ୍ତ୍ୱନା ଆଉ ପ୍ରବୋଧ ଲାଗି କମିଷ ପାଇଁ
ପାଷାଣ ଦେବତା ମନ୍ଦିର ଦ୍ୱାରେ ମଥା ପିଟଇ
ଶୁଣେକେ ନାହିଁ ।
ମର୍ତ୍ତ୍ୟ ମାନବ କ୍ରୀଡ଼ନକ ରୂପେ ଦେବତା ସୃଷ୍ଟି
ହୋଇଛି କାହିଁରେ, ହୋଇଛି କାହିଁ ।
ଶାନ୍ତି ଅନନ୍ତ ଦେବତାର ପାଶେ କି ପ୍ରୟୋଜନ
ମରଣ-ବେଦୀର ପୁରୋଧା ଲାଗିଯା' ନ ବଳେ ମନ
ଦେବତା ନୁହେ
ଭକ୍ତ ଆରତୀ ତ୍ରୁଟି ସକଳ, ଅଶାନ୍ତ ନଳ ପରାଣ ଦହେ ।
ଅନ୍ଧ ବିଶ୍ୱାସ
ଦେବତା ଆଶୀଷ ପୂତ ଭକ୍ତି ଯୋଗୁ
ହୋଇଛି ଶେଷରେ ହୋଇଛି ଶେଷ ।
ଦେବତା ସେହି
ନିଜ ଅନ୍ତରରେ ଅନନ୍ତ ବିଶ୍ୱାସ, ଶାନ୍ତି-ଅମୃତ
ପାରେ ଯେ' ଦେଇ
ଦେବତା ସେହି
ନିବିଡ଼ ତମସା-ଘନ ମନ୍ଦିରେ
ଦେବତା ନାହିଁରେ ଦେବତା ନାହିଁ

—୦—

# ଝିଅଲି ଯୌବନ

—o—

ଦେଖ ବନ୍ଧୁ ! ଅମା ତିମିର ଶବ,
ଜଳଇ ଦୀପାଳି ଶତ
ସଉଧ ପର୍ଣ୍ଣ କୁଟୀର ପୁରରେ
ଦୀପାଳି ଉତ୍ସବ-ନୃତ୍ୟ ।
ଏ ଜ୍ୱଳନ ତଳେ ଭଙ୍ଗା ଘୁମର—
ତିମିର ଶରବେ ବସି
ଦୀପାଳି-ଆଲୋକ ମୟୂଖ ନିରେଖି
ବିଦ୍ରୂପେ, ଉଠେ ହସି ।
ପଲକ-ପାଗଳା ସ୍ୱପ୍ନ ଚୋଖେ ଗୁହାଁ
ଅନନ୍ତ ଏ କାଳ ତୀରେ
ଉଚ୍ଛ୍ୱ ଭେ' ଶର, ମୁଗ୍ଧ ବିଭୋର
ନିସ୍ତରଙ୍ଗ ସୁଖ ଭୋଳେ ।
ଉଲ୍ଲାସ ଭରା ନିମିଷ ଲାଗି
କାନ୍ଦିତ ଯୋବନା ଭସ୍ମ ।

ଚିର ଅଲୋକିତ ନୁହେ ଏ ଧରା
ଚିର ତମିର ମୟ ।
ଅନ-ଜାଗରେ ଧାଇଲା ପରବ
ସାଗରେ ବୁଦ୍ ବୁଦ୍
ଘନ ଅନ୍ଧକାର, ଭୀମ ଲହରୀ
ସନ୍ନିଧେ ହାସ୍ୟାସ୍ପଦ ।
ମରୁଆଲ ଚଢ଼େ ଭୁଲନା ପାଗଳା
ଗବେ ଯାଉନା ଜଳି
ରମ୍ୟ-ଅଲୋକ-କନକ-ଦୀପ୍ତି
ଭସ୍ମ ହୋଇବ ଖାଲି ।
ନିର୍ବାକ କଇଁ । ପନ୍ନଣ ସଖା !
ମୂକ ମଧୁର ଭାଷା
ବଦନ କାଂତ ନିସ୍ପ୍ରଭ, ନାହିଁ
ଯୌବନ-ଦୀପ୍ତି-ଊଷା ।
"ଦଅଲ-ଯୌବନ" ପର୍ବ ଯେବେ
ମଉଳି ଆସିବ ଧୀରେ
କାନ୍ତି ସୁଷମା, ଶକ୍ତି ସାହସ
ଅସ୍ତ ସ୍ୟା-ଜିଷ, ତମିରେ ।
ଲୁଚିଯିବ ଯେତେବେ ଦମ୍ଭ ! ପଲଟିବ
ଅଙ୍ଗିର ସୋହାଗ ଧାର

ଆଜିର ଯେତେକ ଅବ୍ୟର୍ଥ ସନ୍ଧାନ
ଦୁର୍ଜ୍ଜୟ-କୁସୁମ-ଶର ।
ଭୁଲିବନି' ବନ୍ଧୁ ! ଜୀବନ ସଂଗ୍ରାମେ
ଦ୍ୱେଷ, ଶୋକ ତୀବ୍ରାଘାତେ
ଭୁଲିବନି ଯେବେ ନୈରାଶ୍ୟ ବଇଶି
ବାଜିବ ପଞ୍ଜରା ତଳେ ।
ଭୁଲିବନି' ବନ୍ଧୁ ! ଭୁଲିବନି' ସଖା !!
ରକ୍ତ ମାଂସ ଦେହ ଧର
କି ଅଛ ସମ୍ପଦ, ଦୁନିଆ ଜଞ୍ଜାଳେ
ରଖିବ ଯତନେ ଅଗୋଚର ।
କାହିଁ ସେହି ବାଣୀ ଉନ୍ମାଦ ପୀଯୂଷ
କାହିଁ ସେ ପରଶ ସାଥୀ
ଦୁଅଳ-ପରବେ ଜୀବନେ ଯୋଡ଼ଇ
ଅମା-କୃଷ୍ଣ-ରୁଦ୍ର-ରାତ ।
ଶୁଷ୍କ ନିଷ୍ଠୁର ଏ ଲୌହ ଶିଳ୍ପ ପୁରେ
ସେ ବାଣୀ ସଂଚରେ ନାହିଁ
"ଦୁଆଳ ଉତ୍ସବ, ଆସ ବନ୍ଧୁ ଆସ"
କୋମଳ ରାଗିଣୀ କାହିଁ ?
ଲୌହ ଯନ୍ତ୍ରର ଘର୍ଷର ନିର୍ଘୋଷ
ଉଦ୍ଧତ ଅଶ୍ଳୀଳ ଉଚ୍ଚେ

ଯହିଁ ମୂକ ଶ୍ରମିକର ମୃତ୍ୟୁ ଅଶଙ୍କା
ରକ୍ତ ଶୋଷେ ପଳେ ପଳେ ।
ଯହିଁ ଦୈନ୍ୟର ଝଞ୍ଜା ଷିପ୍ର ଗତିରେ
ଆକୁଳ କରଇ ପ୍ରାଣ
ଯହିଁ ନାହିଁ ଜୀବନର ମୂଲ୍ୟ-ମହିମା
ଆତ୍ମାର ଅଭିମାନ ।
ଯହିଁ କଠିନ କରମେ ତିଳ ତିଳ ନିତି
ଆୟୁ ହୁଅଇ କ୍ଷୟ
ଜୀବନ-ଆଲୋକ ନିଭି ନିଭି ହୁଏ
ଭବିଷ୍ୟ-ଧୂମମୟ ।
ଦଅଲ୍-ପରଦେ ସୁ-ଦୂର ସ୍ମୃତି
ପ୍ରଣୟିନୀ ନିବେଦନ
ଅସିବ ବା କାହିଁ ? ତଥାପି ଅନ୍ତରେ
ମୃତ୍ୟୁର ଆଲୋଡ଼ନ ।
ଭୁଲିବନି' ସଖା ! ଭୁଲିବନି କେଭେ !!
ରକ୍ତ ମାଂସ ଦେହ ଧରି
ଏ ଅଭ ସମ୍ପଦ ଦୁନିଆ ଛଞ୍ଚାଲେ
ରଖିବ ଯତ୍ନେ ଆବୋର ।

# ବିଦାୟ

—o—

ବିଦାୟ ବିଦାୟ ରାଣୀ ବିଦାୟ ବିଦାୟ
ଚିନ୍ତା-କାଠ ଶୋଷି ନିଅ "ସ୍ମୃତି-ଅର୍ଘ୍ୟ ହାୟ ।
କାଲ ପୁରେ
କାଲ-କୋଳ
ମଣ୍ଡନା ରୂପସୀ
ଉହ୍ଲଲ କି ଭୁଲି ?
ପ୍ରାଣ-ଭୁବନ ଉର୍ବଶୀ
ଶେଷ ନୃତ୍ୟ ସଙ୍କେତ ସୁଷମା
ମିଳନର ମଧୁ ମଉଚ୍ଛବ ଅରୁଣିମା
ସ୍ୱପ୍ନ ? ଶୂନ୍ୟ ? ତକ୍ତି ସତେ !
ହାହାକାର ମଯ୍ଯ,
ବିଦାୟ ବିଦାୟ ରାଣୀ ବିଦାୟ ବିଦାୟ
ଚିନ୍ତା-କାଠ ଶୋଷି ନିଅ "ସ୍ମୃତି ଅର୍ଘ୍ୟ" ହାୟ

( ୨ )

ଜୀବନର ଶେଷ ଦେଖା

ଶେଷ ଭୁକ୍ତ ସ୍ଖଳନା-ଗୃଡୁଣି

ଭୁଲିଗଲ ? ମିଳନର ମଧୁ-ମେଳା ମରଣେ ହକାର

ମୈତ୍ରି ଶାଳା କର ତମୋମୟ ।

ବିଦାୟ ବିଦାୟ ସଖୀ ବିଦାୟ ବିଦାୟ

ଚନ୍ଦ୍ରା-କାଠ ଶୋଷି ନିଏ "ସ୍ମୃତ ଅର୍ଘ୍ୟ ହାୟ ।

( ୩ )

ସେ ଦିନର ଶେଷ ବାଣୀ

ଘନୀଭୂତ ଅନ୍ଧକାର ତଳେ

ଏ ଦିନର ନୁହେ ବନ୍ଧୁ ! ଆଜୀବନ

ଆବେଗ ହୁଅଟରେ

ଭୁଲିଗଲ ? ଆଜି ଆହା ଶତ ଦୁଃଖେ ହାୟ

ବିଦାୟ ବିଦାୟ ସଖୀ ବିଦାୟ ବିଦାୟ !

ଚନ୍ଦ୍ରା-କାଠ ଶୋଷି ନିଏ "ସ୍ମୃତ-ଅର୍ଘ୍ୟ ହାୟ ।

( ୪ )

ବ୍ୟର୍ଥ ନୁହେ

ଅତୀତର ଅସ୍ପଷ୍ଟ ଆଲାପ

ମ୍ଳାନ ନୁହେ ଜୀବନର ସ୍ନେହ-ପ୍ରେମ-ଦୀପ

ବୃଥା ନୁହେଁ ଗୋପନ ମିଳନ
ସ୍ଥାୟୀ ନୁହେଁ
ଧରାତଳେ ନଶ୍ୱର ପରାଣ
ସ୍ମୃତି-ବିନ୍ଦୁ କରେ ଅଭିନୟ
କଳ୍ପନା-ଗୋଲକ ତାର ଗାଏ ଜୟ ଜୟ ।
ବିଦାୟ ବିଦାୟ ରାଣୀ ବିଦାୟ ବିଦାୟ
ଚିନ୍ତା-କୀଟ ଶୋଷି ନିଏ "ସ୍ମୃତି ଅର୍ଘ୍ୟ" ହାୟ ।

( ୫ )

ଅନ୍ତରର ଉପହାର ସ୍ମୃତି ଅର୍ଘ୍ୟ
ତବ ପ୍ରିୟ ଦାନ
ଯାହାକଣ୍ଠୁ ସୁଖ ଦୁଃଖ ପାପ ପୁଣ୍ୟ
ପବିତ୍ର ମହାନ୍
ସେନ ଆଜ ଶ୍ମଶାନ ବାସିନୀ
ଜଣଭ୍ରତରେ
ଶୁଷ୍କ ପ୍ରାଣ ଅନ୍ତରେ କଲ୍ୟାଣୀ !!!
ଦୁଃଖେ ତାପେ ଅସ୍ଥିର ହୃଦୟ
ବିଦାୟ ବିଦାୟ ରାଣୀ ବିଦାୟ ବିଦାୟ
ଚିନ୍ତା-କୀଟ ଶୋଷି ନିଏ "ସ୍ମୃତି-ଅର୍ଘ୍ୟ ହାୟ ।